**ସଂକ୍ଷେପରେ**

## ବିଏସ୍ଏଫ୍ ପକ୍ଷରୁ ସୀମା ସୁରକ୍ଷା ସମ୍ପର୍କିତ ଗାଇଡ ପୁସ୍ତିକା ବଣ୍ଟନ

ମାଥିଲି/ଗୋବିନ୍ଦପାଲି , ୧୨।୧ (ସ୍ୱ.ପ୍ର/ଡି.ଏନ.ଏ)- ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ବିଜୁ ପଟ୍ଟନାୟକ କଲେଜ ପରିସରରେ ଶନିବାର ବିଏସଏଫ ତରଫରୁ ଛାତ୍ରଙ୍କୁ ସୀମା ସୁରକ୍ଷା ସମ୍ପର୍କିତ ଗାଇଡ ପୁସ୍ତିକା ବଣ୍ଟନ କରାଯାଇଛି । ଗୋବିନ୍ଦପାଲିଠାରେ ଅବସ୍ଥାପିତ ୧୩ ବି.ଏନ. ବିଏସଏଫ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା । କଲେଜ ପରିସରରେ ଡିଗ୍ରୀ ଓ ଜୁନିୟର ଛାତ୍ରୀଛାତ୍ରଙ୍କୁ ସୀମା ସୁରକ୍ଷା ଯବାନ ପାଇଁ ହେବାକୁ ଥିବା ପରୀକ୍ଷାରେ ସଫଳତା ଲାଭ କରିବାକୁ ଛାତ୍ରମାନଙ୍କୁ ଏହି ଗାଇଡ ପୁସ୍ତିକା ବଣ୍ଟନ କରାଯାଇଛି। ଜୁନିୟର କଲେଜ ଅଧକ୍ଷ ସୁଜିତ୍ ବୋଷ, ଡିଗ୍ରୀ କଲେଜ ଅଧକ୍ଷ ନବୀନ କୁମାର ନାୟକ, ଅଧାପକ ତ୍ରୈଲୋକ୍ୟନାଥ ସାହୁଙ୍କ ସମେତ ସମସ୍ତ ଅଧାପିକା ଅଧାପକମାନେ ଉପସ୍ଥିତ ଥିଲେ । ଏହି ଅବସରରେ କଲେଜର ଜଣେ ଛାତ୍ରୀ ଯବାନଙ୍କ ସମ୍ପର୍କରେ ସଂଗୀତ ପରିବେଷଣ କରିଥିଲେ। ଏଥିରେ ଖୁସି ହୋଇ ବିଏସଏଫ କମାଣ୍ଡାଣ୍ଟ ଛାତ୍ରୀଙ୍କୁ ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ ।

■ ଉପାନ୍ତ ସାହିତ୍ୟ ସମ୍ମିଳନୀ 'କାକର'

# କବି, ସାହିତ୍ୟିକ, ପାରମ୍ପରିକ ସଂସ୍କୃତିର ମିଳନ

ନବରଙ୍ଗପୁର,୧୨।୧(ବି.ପ୍ର)

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନବରଙ୍ଗପୁର ଜିଲା ପର୍ଯ୍ୟଟନ ଗାଁ ପାପଡାହାଣ୍ଡି ଠାରେ ଉପାନ୍ତ ସାହିତ୍ୟ ସମ୍ମିଳନୀ 'କାକର' ଶନିବାର ଉଦଘାଟିତ ହୋଇଯାଇଛି । ପାପଡାହାଣ୍ଡି ସ୍ଥିତ ଶହୀଦ ମିନାରଠାରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, କୁଇଜ ଓ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଅଧକ୍ଷ ସୋମନାଥ ବିଷୋୟୀ, ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଗୁରୁ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ରତିକାନ୍ତ ଦୁବେ, ଦିଲ୍ଲିପ ସ୍ୱାଇଁ ଓ ପି. ରବିକାନ୍ତ ରଘୁରାମ ପରିଚାଳନା କରିଥିଲେ । ଅପରାହ୍ନରେ ପାପଡାହାଣ୍ଡି ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଆଦିବାସୀ ଲୋକ ସାହିତ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ


ଉପାନ୍ତ ସାହିତ୍ୟ ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ହୋଇଥିଲା । ସାନା ସାହୁଙ୍କ ସଭାପତିତ୍ୱରେ ଆଲୋଚକ ଭାବେ ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ର ଧ୍ୱଜ ମାଝୀ, ଲକ୍ଷ୍ମଣ ମାନ୍ଦ୍ରା, ରଂଜନ ମହୁରିଆ, ସାଇମନ ବିଡିକା, କେଦାରେଶ୍ୱର ପଟ୍ଟନାୟକ, ଜେମାମଣି ବିଷୋୟୀ ପ୍ରମୁଖ ଯୋଗ ଦେଇ ଆଦିବାସୀ ଭାଷା, ଢଗଢମାଳି ମାଧ୍ୟମରେ ସମାଜରେ ରହିଥିବା ଚାଲିଚଳନ ଓ ସଂସ୍କୃତିକୁ କିଭଳି ବୁଝାଏ ସେ ନେଇ ଆଲୋଚନା କରିଥିଲେ । ପରେ ସାହିତ୍ୟରେ ପୂଜ୍ୟପୂଜା ଓ ଦର୍ଶନ ସମ୍ପର୍କିତ ଆଲୋଚନଚକ୍ର ସୁଧିର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧାପକ ଡଃ. ବିଜୟ କୁମାର ମିଶ୍ର, ଡାକ୍ତର ସୁରେନ୍ଦ୍ର ନାଥ ଦାଶ, ଡଃ. ତପନ ପାଢୀ, ଭାଗିରଥି ବେହେରା, ଟୁଟୁବାବୁ ପଟ୍ଟନାୟକ ଯୋଗ ଦେଇ ପର୍ଯ୍ୟଟନ, ସାହିତ୍ୟ ଓ ଆମ ପ୍ରତିବଦ୍ଧତା ଉପରେ ଆଲୋଚନା ହୋଇଥିଲା । ଡଃ ରାଜେନ୍ଦ୍ର ବେହେରା, ପଗିତ ସାହୁ, ବିଜୟ ଚୌଧୁରୀ, ସାହିତ୍ୟକ ତଥା ନିଗମା ନନ୍ଦ ଆଶ୍ରମର ସଭାପତି ନାରାୟଣ ପଣ୍ଡା, ଗୋପାଳ ମହାରଣା ଓ ଚିନ୍ତାମଣି ବେହେରା ଯୋଗ ଦେଇ ଲୁକ୍କାୟିତ ଘଟଣା ଓ କଥା ବସ୍ତୁ ଗୁଡିକ ଲୋକ ଲୋଚନକୁ ଆସି ପାରିଲେ ପର୍ଯ୍ୟଟନ ସ୍ଥଳ ଗୁଡିକର ମହତ୍ୱ ଆହୁରି ଅଧିକ ବଢିବ ବୋଲି କହିଥିଲେ। ଦୁର୍ଗା ପ୍ରସାଦ ପାଢୀଙ୍କ ସଭାପତିତ୍ୱରେ ଗୀତ କୁଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନାଟ୍ୟ ନିର୍ଦ୍ଦେଶକ ନବ କିଶୋର ପଣ୍ଡା, ଭାସ୍କର ସାମନ୍ତରାୟ, ସବ୍ୟସାଚୀ ବିଷୋୟୀ ପ୍ରମୁଖ ଯୋଗ ଦେଇ ସ୍ଥାନୀୟ ଭାଷା ମାଧ୍ୟମରେ ଗୀତ କୁଡିଆମାନେ ଲୋକଙ୍କୁ ସଚେତନ କରାଇ ପାରୁଥିଲେ । ଏବେ ବି ଗ୍ରାମାଞ୍ଚଳରେ ତାହାର ଆଦର ରହିଛି । ଗୀତକୁଡିଆ ତୁଳାରାମ ହରିଜନ, ହେମ ଭତ୍ରା ଓ ଚମ୍ପା ଭତ୍ରା ପାରମ୍ପାରିକ ଭାଷାରେ ଢଗଢମାଳି ମାଧ୍ୟମରେ ଗୀତ ଗାଇଥିଲେ । ସନ୍ଧ୍ୟାରେ ଆମ ଗାଁ ଆମ ସାହିତ୍ୟ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଏବଂ ପଞ୍ଚାୟତିରାଜ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ଅତିରିକ୍ତ ଜିଲାପାଳ ପରକ୍ଷିତ ସେଠୀ, ସମାଜକର୍ମୀ ଜଗନ୍ନାଥ ମହାପାତ୍ର, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର, ରାଜୀବ ପଟ୍ଟନାୟକ, ସ୍ୱାଧୀନ ପଟ୍ଟନାୟକ, ସୋମନାଥ ବିଶୋୟୀ, ଅଗ୍ରଗାମୀର ଅଧକ୍ଷ ଅଚ୍ୟୁତ ଦାସ ଯୋଗ ଦେଇଥିଲେ । ଏହି ଅବସରରେ ରାଜେନ୍ଦ୍ର ବେହେରାଙ୍କୁ କାକର ସାହିତ୍ୟ ସମ୍ମାନ, ଅଚ୍ୟୁତ ଦାସଙ୍କୁ କାକର ବ୍ୟକ୍ତିତ୍ୱ, ରାଜୀବ ପଟ୍ଟନାୟକଙ୍କୁ କାକର ଯୁବ ସମ୍ମାନ, ପ୍ରତିଭା ସମ୍ମାନ ଅନୁବାଦରେ ନିହାରିକା ମଲ୍ଲିକ, କବିତାରେ ଚତୁର ଗହୀର, ଲୋକ ସାହିତ୍ୟରେ ସବ୍ୟସାଚୀ ବିଶୋୟୀ, ପର୍ଯ୍ୟଟନ ସାହିତ୍ୟରେ ଦିଲୀପ ଦାସ, ନାଟକ କ୍ଷେତ୍ରରେ ପ୍ରତିଷ୍ଠା ପାଇଁ ନାରାୟଣ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା । ଡାକ୍ତର ମନୋଜ କିଶୋର ନାୟକ , ଅଧାପକ ଦିଲ୍ଲିପ ହୋତା, ଅଶୋକ ପଟ୍ଟନାୟକ, ଶିକ୍ଷକ ବସନ୍ତ ବେନିଆ, ଜି. ଅନନ୍ତ ମୂର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଙ୍ଗୀତ ଓ ଲୋକ ନୃତ୍ୟ ପରିବେଷଣ ହୋଇଥିଲା ।

# ବିଜୁ କୃଷକ କଲ୍ୟାଣ ଯୋଜନା ବାଟବଣା

## ହିତାଧିକାରୀ ପାଉନାହାନ୍ତି ମାଗଣା ସ୍ୱାସ୍ଥ୍ୟସେବା

ନବରଙ୍ଗପୁର,୧୨।୧(ବି.ପ୍ର.)–


ଗୋପାଳ ହରିଜନ

ଗରିବ ଓ କୃଷକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ସେ ସବୁର ଲାଭ ହିତାଧିକାରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ନବରଙ୍ଗପୁରରେ ବିଜୁ କୃଷକ କଲ୍ୟାଣ ଯୋଜନାର ଜଣେ ହିତାଧିକାରୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ମିଳିନାହିଁ।

ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ଗୋପାଳ ହରିଜନ। ଦୁଇ ଝିଅ ସାଲା, ସାଲିକା ଓ ସ୍ତ୍ରୀ ରାଧିକାଙ୍କୁ ନେଇ ତାଙ୍କ ପରିବାର। ଦିନ ମଜୁରିଆ (ଖଲାସି) ଭାବେ କାମକରି ଚାରିପ୍ରାଣୀ କୁଟୁମ୍ବ ଚଳାନ୍ତି। କିଛିମାସ ପୂର୍ବରୁ ପେଟ ଓ ଅଣ୍ଟାରେ ସେ ଯନ୍ତ୍ରଣା ଅନୁଭବ କରିବାରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ମହକୁମା ଡାକ୍ତରଖାନାରେ ଦେଖାଇଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଘଟି ନ ଥିଲା। ତେଣୁ ସେ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲକୁ ଯାଇଥିଲେ। ଡାକ୍ତର ସମସ୍ତ ପରୀକ୍ଷା କରାଇବା ପରେ ତାଙ୍କର ଷ୍ଟୋନ ହୋଇଥିବା କହିଥିଲେ। ଅସ୍ତ୍ରୋପଚାର ଆବଶ୍ୟକ ବୋଲି ସେ ଗୋପାଳଙ୍କୁ ଜଣାଇଥିଲେ। ଏ ବାବଦକୁ ସେ ୫ ହଜାର ଟଙ୍କା ଖର୍ଚ୍ଚ କଲେ। ତାଙ୍କ ନିକଟରେ ବିଜୁ କୃଷକ କଲ୍ୟାଣ ଯୋଜନା (ଏସ ଟୁ)କାର୍ଡ (ନଂ୨୧୨୮୧୨୦୦୧୧୧୮୫୮୫୪) ରହିଛି। କାର୍ଡ ମାଧ୍ୟମରେ ସେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏହାକୁ ଖ୍ରୀଷ୍ଟିଆନ ହସ୍ପିଟାଲ ଦାଖଲ କଲେ। ତେବେ ଡାକ୍ତରଖାନାରେ ଏସ୍ୱାନ କାର୍ଡ କାର୍ଯ୍ୟ କରୁଛି। ଏସ ଟୁ କାର୍ଡ ଏଯାଏ କାର୍ଯ୍ୟକାରୀ ହୋଇନି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ଏନେଇ ନିରାଶ ହୋଇ ଗୋପାଳ ପିସିସି ସମ୍ପାଦକ ସରୋଜ ପାତ୍ରଙ୍କୁ ଜଣାଇଥିଲେ। ସେ ଆସି ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସନ୍ତୋଷ ନାଗଙ୍କୁ ଘଟଣା ସମ୍ପର୍କରେ ବୁଝିଥିଲେ। ଡାକ୍ତର ନାଗ କହିଥିଲେ ଯେ ଏଯାଏ ଏସଟୁ ବିଜୁ କୃଷକ କଲ୍ୟାଣ କାର୍ଡ କାର୍ଯ୍ୟକାରୀ ହୋଇ ପାରୁନାହିଁ। ସିଡିଏମ୍ଓଙ୍କ ନିକଟରୁ ଓଏସ୍ଟିଏଫ ମାଧ୍ୟମରେ ଚିକିତ୍ସା ପାଇଁ ଅନୁମତି ଆଣିଲେ ଏଠାରେ ଚିକିତ୍ସା ହୋଇ ପାରିବ। ନଚେତ ଉକ୍ତ କାର୍ଡ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ, ଜାନୁୟାରୀରୁ କାର୍ଯ୍ୟକାରୀ ହୋଇଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ହିତାଧିକାରୀ କାର୍ଡ ପାଇଲେ ସତ, କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ପାରୁ ନ ଥିବାରୁ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି। ଏନେଇ ସରକାର ତଥା ପ୍ରଶାସନ ଏଭଳି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।










କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।


ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରତିଭା ଲୋକଲୋଚନକୁ ଆଣୁଛି ଚଇତି

**ଉପଖଣ୍ଡସ୍ତରୀୟ ଚଇତିର ୨ୟ ସନ୍ଧ୍ୟା**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୁଣପୁର,୧୨।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଉତ୍ସବ ଇଡିତାଲର ଶନିବାର ହେଉଛି ୨ୟ ସନ୍ଧ୍ୟା । ଏହି ଅବସରରେ ସାଂସ୍କୃତିକ ମଣ୍ଡପରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ଚଇତି ପାଳନ କମିଟି ଅଧ୍ୟକ୍ଷ ତଥା ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ମୁଖ୍ୟଅତିଥି, ଉପଜିଲାପାଳ ପ୍ରବୀର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଲୁକ୍କାୟିତ କଳାକୁ ଲୋକଲୋଚନକୁ ଆଣିବାରେ ଚଇତି ଏକ ମାଧ୍ୟମ ବୋଲି କହିଥିଲେ । ଗୁଣପୁର ଚଇତି ଖୁବ ଆଦୃତ ହୋଇଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ବକ୍ତୃତା ଏବଂ ଜ୍ଞାନ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭା କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ସଂଯୋଜନା କରିଥିଲେ। ସାମାଜିକ କର୍ମୀ ଅକ୍ଷୟ ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ସ୍ଥାନୀୟ କଳାକାର, ବିଭିନ୍ନ ସ୍କୁଲ ଏବଂ କଲେଜର ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲେଖ ଅବଧୂତ,**
**ମାରେ ଠେଙ୍ଗା, ଭାଗେ ଭୂତ ।**

କଥାରେ ଅଛି ମାଡ଼କୁ ମହାଦେବଙ୍କ ଡର। ଦୁଷ୍ଟ ପ୍ରକୃତିର ବ୍ୟକ୍ତିଙ୍କ ପାଇଁ ମାଡ଼ଠାରୁ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ କିଛି ନାହିଁ। ମାଡ଼ ଭୟରେ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ଠିକ୍ ବାଟକୁ ଆସିଯାଇଥାନ୍ତି। ଠେଙ୍ଗା ଓ ମୂଷଳ ଭୟରେ ସବୁ କାମ ସିଦ୍ଧ ହୁଏ ତଥା ଖଳ ପ୍ରକୃତିର ବ୍ୟକ୍ତି ନତମସ୍ତକ ହେବାକୁ ବାଧ୍ୟ ହୋଇଥାଏ ।

**ଅନେକ ମାଛ ଯଦି ପାଏ**
**ବିଲେଇ କଣ୍ଟାବାଛି ଖାଏ ।**

ଭୋକରେ ଆଉଟୁ ପାଉଟୁ ହେଉଥିବା ବ୍ୟକ୍ତି ଯେତେବେଳେ ଯାହାପାଏ ତାକୁ ସାଦରେ ଗ୍ରହଣ କରିନିଏ। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ। ବାସ୍ ଆକୁଳରେ ଖାଇଯାଏ। ତେବେ ଆବଶ୍ୟକତା ଠାରୁ ଯଦି ଅଧିକ ମିଳିଯାଏ ତା'ହେଲେ ସେ ନିଜ ପସନ୍ଦ, ରୁଚି ପ୍ରତି ଅଧିକ ଧ୍ୟାନ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶିକ୍ଷା ବିକାଶ ପରିବର୍ତ୍ତନ ଯାତ୍ରା ଉଦ୍‌ଯାପିତ

**ମାଲକାନଗିରି,୧୨।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଗତ ୭ରୁ ପଡିଆ ଏବଂ ମାଲକାନଗିରି ବ୍ଲକରେ ଆରମ୍ଭ ହୋଇଥିବା ଶିକ୍ଷା ବିକାଶ ପରିବର୍ତ୍ତନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ତଣ୍ଡାପାଲି ପଞ୍ଚାୟତରୁ ଏହି ଯାତ୍ରା ବାହାରି ଏମ୍.ଭି.- ୭, ତମସା, ଏମ୍.ଭି.-୪୩ ଗ୍ରାମଗୁଡିକରେ ସଚେତନତା ବାର୍ତ୍ତା ଦେଇ ଶିକ୍ଷା ବିକାଶ ସମ୍ପର୍କରେ ବିଭିନ୍ନ ତଥ୍ୟ ଲୋକମାନଙ୍କଠାରୁ ସଂଗ୍ରହ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଗ୍ରାମାଞ୍ଚଳ ଶିକ୍ଷା ସମ୍ପର୍କରେ ମତ ରଖିଥିଲେ। ୭ଦିନ ବିଭିନ୍ନ ଅଞ୍ଚଳର ମତ ସଂଗ୍ରହ ପରେ ଶନିବାର ମାଲକାନଗିରି ଏମ୍.ଭି.-୪୨ରୁ ସହରରେ ପ୍ରବେଶ କଲା ପରେ ମହିଳା ମହାବିଦ୍ୟାଳୟ, ଏକଲବ୍ୟ ଛାତ୍ରାବାସ, ଘଡାଇ ଆବାସିକ ମହାବିଦ୍ୟାଳୟ, ଦୀନଦୟାଲ ସଂସ୍ଥାର ଛାତ୍ରୀଛାତ୍ରମାନେ ରଥକୁ ସ୍ୱାଗତ କରି ସହର ପରିକ୍ରମା କରିଥିଲେ । ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବୁଦ୍ରା କାର୍ତ୍ତାମି, ନନ୍ଦ କୁମାର ଆଜମେରା, ଭିମା ମାଡକାମି, ନମିତା କରସ୍ତା, ଯୋଗୀ ମାଡି, ମୁକ୍ତା ପୁନେମ୍, ଏରା ପଡିଆମି, ବିନାଶ ମାଡକାମି, ଦୁଲେ ମାଡକାମି, ଗ୍ରାମ ମୁଖିଆ ଭିମା ପଡିଆମି, ସମିତିସଭ୍ୟ ଅଜିତ କୁମାର କୁଞ୍ଜାମି, ପରିଚାଳନା କମିଟି ଅଧ୍ୟକ୍ଷ ଦେବା ମାଡକାମି, ଆଦିବାସୀ ବିକାଶ ପରିଷଦର ପରାମର୍ଶଦାତା ସୁବାସ ବାନାର୍ଜୀ, ଲିଙ୍ଗରାଜ ଭୂୟାଁ, ଚାଇଲ୍ଡ ଲାଇନର ନିତ୍ୟାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ସେଠୀ, ନିରଞ୍ଜନ ପଣ୍ଡା, ପ୍ରଶାନ୍ତ ଶତପଥୀ, ଅଧାପକ ରଂଜନ ସ୍ୱାଇଁ ଯୋଗଦେଇ ଉଦ୍‌ଯାପନୀ ସଭାରେ ୭ ଦିନର ଅନୁଭୂତି, ବିଭିନ୍ନ ଲୋକଙ୍କ ପରାମର୍ଶ ଏବଂ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିଥିଲେ। ଶିକ୍ଷା ସହ ଜଡିତ ସମସ୍ତ ବିଭାଗକୁ ଏବଂ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ତ୍ରିପାଠୀ କହିଥିଲେ।

## ସଂକ୍ଷେପରେ



### ମା' ମାଝିଗୌରୀ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୧୨।୧:** ରାୟଗଡା ଇଣ୍ଡୋର ଷ୍ଟାଡିୟମରେ ମା' ମାଝିଗୌରୀ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡା ଡିଜିଏମ୍ ପି.କେ ସାହୁ ଯୋଗଦେଇ ଥିଲେ। ଏହାକୁ ସାଉଥ୍‌କୋ ବିଭାଗର ନାରାୟଣ ନାୟକ ଓ ଅନ୍ୟ କର୍ମଚାରୀମାନେ ଆୟୋଜନ କରିଛନ୍ତି। ୧୨ ଓ ୧୩ ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଜିଲା ଓ ଜିଲା ବାହାରୁ ପ୍ରତିଯୋଗୀ ଭାଗ ନେଇଛନ୍ତି।

### କଲେଜରେ କବାଡି ପ୍ରତିଯୋଗିତା



**ରାୟଗଡା ଅଫିସ୍, ୧୨।୧:** ରାୟଗଡ଼ା ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ାକୁ ଅଧକ୍ଷା ସୁଷମା ଦାସ ଉଦ୍‌ଘାଟନ କରିଛନ୍ତି। ଶନିବାର ଛାତ୍ରୀମାନଙ୍କ ମଧ୍ୟରେ କବାଡି ପ୍ରତିଯୋଗିତା କରାଯାଇଛି। ଯୁକ୍ତ ଦୁଇ ଓ ଯୁକ୍ତ ତିନିର ମୋଟ ୭୦ଜଣ ଛାତ୍ରୀ ଏଥିରେ ଭାଗ ନେଇଥିଲେ। କ୍ରୀଡା ସଂସଦ ଉପସଭାପତି ସରୋଜା ମିଶ୍ର ଏବଂ କ୍ରୀଡା ଅଧାପିକା ରୀତାରାଣୀ ମିଶ୍ର ଖେଳ ପରିଚାଳନା କରିଥିଲେ।

### ସଂରକ୍ଷିତ ଜଙ୍ଗଲରୁ ଚୋରି ହେଉଛି ଶାଳଗଛ

**ଟିକିରି, ୧୨।୧ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ବନାଞ୍ଚଳ ଅଧୀନରେ ଥିବା କାଳିଆପଡା ଗ୍ରାମ ନିକଟସ୍ଥ ଟିଟିଗୁଡା ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର କିଛି ଲୋକ ଶାଳ ଗଛ କାଟି ନେଇଛନ୍ତି। ଶୁକ୍ରବାର ଦ୍ୱିପ୍ରହରରେ ଗଛକୁ କାଟି ରାସ୍ତାରେ ଘୋଷାରି ଘୋଷାରି ନେଉଥିବା ଦେଖାଯାଇଛି। ଏହି ସଂରକ୍ଷିତ ଜଙ୍ଗଲରୁ ଗଛ ଚୋରି ହେଉଥିବା ଅଭିଯୋଗ ପୂର୍ବରୁ ମଧ ହୋଇଥିଲା। ଅଭିଯୋଗ ପରେ ଜଙ୍ଗଲ ସୁରକ୍ଷା ସମିତି ଓ ଜଙ୍ଗଲ ବିଭାଗ ପକ୍ଷରୁ ଏହାର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏସବୁ ସତ୍ତ୍ୱେ କିଛି ଲୋକ ବାରମ୍ବାର ଏଠାରୁ ଚୋରି କରୁଛନ୍ତି। ଆଉ କିଛି ଲୋକ ମଧ ଜଙ୍ଗଲ ଜମିକୁ ଜବରଦଖଲ କରି ସେଥିରେ ଚାଷ କରୁଥିବା ଅଭିଯୋଗ ହେଉଛି। ଜଙ୍ଗଲ ସୁରକ୍ଷା ଦିଗରେ ବନବିଭାଗ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାତୀୟ ଯୁବ ଦିବସ ପାଳିତ

**ରାୟଗଡା ଅଫିସ୍, ୧୨।୧**

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶନିବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏସ୍‌ପି ରାହୁଲ ପିଆର୍ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ସାଇବର କ୍ରାଇମ ବଢ଼ିବାକୁ ଲାଗିଛି। ତେଣୁ ନିଜ ସହ ପରିବାର ଲୋକଙ୍କୁ ସଚେତନ କରାଇ ଏଥିରୁ ଦୂରରେ ରୁହନ୍ତୁ ବୋଲି ଏସ୍‌ପି କହିଥିଲେ। ସେହିଭଳି ସଡକ ସୁରକ୍ଷା ପ୍ରତି ସମସ୍ତେ ସଜାଗ ହେବା ପାଇଁ ପରାମର୍ଶ ଦେଇଥିଲେ। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଦେଶରେ ଦୁର୍ଘଟଣାଜନିତ ମୃତ୍ୟୁ ହାରକୁ ଶୂନ ପ୍ରତିଶତ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ପ୍ରଭାତୀ ଝୋଡିଆ ଯୋଗ ଦେଇଥିଲେ। ଭବିଷ୍ୟତରେ ସଫଳ ହେବା ପାଇଁ କ'ଣ ପଦକ୍ଷେପ ନେବାକୁ ପଡିବ ସେ ନେଇ ଛାତ୍ରୀଛାତ୍ରମାନେ ତାଙ୍କଠାରୁ ପରାମର୍ଶ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଅଶୋକ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଦିଲ୍ଲୀପ କୁମାର ଦଳେଇ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଏସ୍‌ଡିପିଓ ରାଜକିଶୋର ଦାସ, ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ସମେତ ରାୟଗଡା ଥାନାର ସମସ୍ତ ଏସ୍‌ଆଇ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ପ୍ରଧାପକ ଅରୁଣ କୁମାର ଖାଡଙ୍ଗା ଧନ୍ୟବାଦ ଦେଇଥିଲେ।

# ଭାକୁରଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା


ଛାତ୍ରମାନେ ଶାରୀରିକ କଳା କୌଶଳ ପ୍ରଦର୍ଶନ କରୁଛନ୍ତି।

**ରାୟଗଡା ଅଫିସ୍/ଜେକେପୁର, ୧୨।୧(ଡି.ଏନ୍.ଏ)**

ଭାକୁରଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ରାୟଗଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟରେ କ୍ରୀଡା ହେଉଛି ଏକ ମୁଖ୍ୟ ଅଙ୍ଗ । କ୍ରୀଡା ଶିକ୍ଷା ପ୍ରକ୍ରିୟାର ପ୍ରମୁଖ ଆବଶ୍ୟକତା । ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ଆବେଗିକ ବିକାଶ ହୋଇଥାଏ ବୋଲି ଗୁରୁତ୍ୱାରୋପ କରିଥିଲେ । ଛାତ୍ରୀଛାତ୍ରମାନେ ମଶାଲକୁ ଗ୍ରାମ ପରିକ୍ରମା କରି ଖେଳ ପଡିଆରେ ସ୍ଥାପନ କରିଥିଲେ । ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶ୍ୟାମ ସିଂ ହିମିରିକା ଯୋଗଦେଇ କ୍ରୀଡାର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୱାର୍ଡ ସଦସ୍ୟା କୁଚି ଆମ୍ମା ହିମିରିକା ଓ ନାର୍ସି ହିମିରିକା ଯୋଗ ଦେଇଥିବା ବେଳେ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ୨ ଦିନ ଧରି ହେବାକୁ ଥିବା କ୍ରୀଡା ଉତ୍ସବରେ ଦୌଡ, ପୁଚି, ଅଖାଡିଆଁ, ବେଙ୍ଗଡିଆଁ, ମ୍ୟୁଜିକାଲ ଚେୟାର, ଭଲିବଲ, କବାଡି, ଦୌଡିଡିଆଁ ପ୍ରମୁଖ କ୍ରୀଡା ଅନୁଷ୍ଠିତ ହେବ । ବିଦ୍ୟାଳୟର ଶିକ୍ଷୟିତ୍ରୀ ରୋଜାଲିନ ପରିଡା, ତନୁଶ୍ରୀ ସାହୁକାର, ଚିନ୍ମୟୀ ସାହୁ, ମଞ୍ଜୁଳା ପିପଳି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ପରେଡରେ ଅତିଥିମାନେ ଅଭିଭାଦନ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଶାରୀରିକ କଳା କୌଶଳ ପ୍ରଦର୍ଶନ କରିଥିଲେ ।

# ମେଗା ସମନ୍ୱୟ ମେଳା



**ରାୟଗଡା ଅଫିସ୍, ୧୨।୧**

ଓଡ଼ିଶା ଜୀବୀକା ମିଶନ ରାୟଗଡା ପଞ୍ଚାୟତ ସମିତି ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପର୍କିତ ଏକ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ରାୟଗଡା ପଞ୍ଚାୟତ ସମିତି ଅଧିନସ୍ଥ ୮ଟି ଗ୍ରାମ ପଞ୍ଚାୟତରୁ ୧୩୯ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୨୭୮ଜଣ ମହିଳା ଯୋଗ ଦେଇଥିଲେ। ୧୧ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୩ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ମେଳାରେ ୫ଟି ବ୍ୟାଙ୍କ ଯୋଗ ଦେଇଥିଲେ । ଋଣ ପରିଶୋଧ ବାବଦକୁ ୧୭ଟି ଗୋଷ୍ଠୀ ୩୫ହଜାର ଟଙ୍କା ପୈଠ କରିଥିଲେ । ମେଳାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି ମହିଳାମାନଙ୍କୁ ଋଣ ନେବା, ଉପଯୁକ୍ତ ଭାବେ ବିନିଯୋଗ କରିବା ଓ ନିୟମିତ ପରିଶୋଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ବ୍ୟାଙ୍କ କର୍ତ୍ତୃପକ୍ଷ ମହିଳାମାନେ କିପରି ଋଣର ବ୍ୟବହାର କରି ଜୀବୀକା ନିର୍ବାହ କରିପାରିବେ ଓ ଫେରସ୍ତ ସମୟରେ ଚାପଗ୍ରସ୍ତ ନ ହେବେ ସେନେଇ ଆଲୋଚନା କରିଥିଲେ। ଜିଲା ପରିଷଦ ସଦସ୍ୟ ପି.ଗୌରୀ ଶଙ୍କର ବ୍ୟାଙ୍କ ତଥା ସରକାରଙ୍କ ଦ୍ୱାରା ମହିଳାମାନଙ୍କ ନିମନ୍ତେ ଉପଲବ୍ଧ ଯୋଜନାଗୁଡିକ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ଜୀବୀକା ମିଶନର ଗୋଷ୍ଠୀ କାର୍ଯ୍ୟ ପରିଚାଳିକା କମଳିନୀ ପଢ଼ିହାରୀ ବୀମା ଯୋଜନାଗୁଡ଼ିକ ଉପରେ କହିଥିଲେ।

# ବିବେକାନନ୍ଦ ଜୟନ୍ତୀରେ ବକ୍ତୃତା ପ୍ରତିଯୋଗିତା

**ମାଥିଲି/ଗୋବିନ୍ଦପାଲି/କାଲିମେଳା ୧୨।୧ (ସ୍ୱ.ପ୍ର/ଡି.ଏନ.ଏ)**

ମାଲକାନଗିରି ଜିଲା ଗୋବିନ୍ଦପାଲିସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ପରିସରରେ ଶନିବାର ୧୫୫ତମ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି । ଏବିଭିପି ଏବଂ କଲେଜର ଏନଏସଏସ ତରଫରୁ ଏହି କାର୍ଯ୍ୟକ୍ରମ ଅବସରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଡିଗ୍ରୀ କଲେଜ ଅଧକ୍ଷ ନବୀନ କୁମାର ନାୟକ ସଭାପତିତ୍ୱ କରିଥିଲେ। ଅତିଥି ରୂପେ ରାଜକିଶୋର ଶାସ୍ତ୍ରୀ ଓ ତୁଷାରକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏନଏସଏସ ଅଧିକାରୀ ତ୍ରୈଲୋକ୍ୟନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଗୁପ୍ତେଶ୍ୱର ପ୍ରଧାନ, ଛାତ୍ରୀ କବିତା ଖରା, ଗୀତାଞ୍ଜଳି ପ୍ରଧାନ, ଅଧାପକ ଅଭୟ ପାତ୍ର, ଶ୍ରୀନିବାସ ରାଓଙ୍କ ସମେତ ସମସ୍ତ ଅଧାପିକା ଅଧାପକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

କାଲିମେଳା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତ ଏମଭି-୬୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ସଂଯୋଜକ ଅସିତ ମିସ୍ତ୍ରି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଏକ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ତା ହରଣ ମଧୁ, ଗମ୍ପାକୋଣ୍ଡା ସିଆରସିସି ମୃଦଙ୍ଗ ରାୟ, ସମିତିସଭ୍ୟା ଲକ୍ଷ୍ମୀ ବିଶ୍ୱାସ, ପରିଚାଳନା କମିଟି ସଭାପତି ଦୀପକ ଦେବନାଥ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମମତା ପଣ୍ଡା ଅତିଥି ପରିଚୟ ଦେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ, ନୀତି ଓ ଆଦର୍ଶ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମନୋରମା ଆଚାର୍ଯ୍ୟ, ପ୍ରେମ କୁମାର ସରଦାର, ଶ୍ରୀକାନ୍ତ ପାଢୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସମୀର ଗୋପ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶିକରପାଇ ବିଦ୍ୟାଳୟ ବାର୍ଷିକୋତ୍ସବ

**କଲ୍ୟାଣସିଂହପୁର, ୧୨।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆନାସ୍ଥେସିଆ କେର୍କେଟା ମୁଖ୍ୟଅତିଥି, ବ୍ଲକ ମଣ୍ଡଳ ଅଧିକାରୀ ରାଜାରାଓ ଧୋବା ମୁଖ୍ୟବକ୍ତା ଏବଂ ଈଶ୍ୱର ଗୋପାଳ ଚେଟ୍ଟୀ, ଚିତ୍ତରଞ୍ଜନ ଗାଣ୍ଡା , ପ୍ରକାଶ କୁମାର ବାରିକ, କୁଳମଣୀ ବଳିଆରସିଂ, ଦେବେନ୍ଦ୍ର ନାଥ ଗଣ୍ଡା , ରଞ୍ଜିତ କୁମାର ଶିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୋଳାନାଥ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଦୀପ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ହିନ୍ଦି ଶିକ୍ଷକ ଦିଲୀପ ପଣ୍ଡା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦଙ୍କ ଜୟନ୍ତୀ


ଗୁଣପୁର କଲେଜରେ ବିବେକାନନ୍ଦଙ୍କ ଜୟନ୍ତୀରେ ଏକତ୍ରିତ ହୋଇଥିବା ଛାତ୍ରୀଛାତ୍ର।

**ରାୟଗଡା ଅଫିସ/ଗୁଣପୁର, ୧୨।୧(ଡ଼ି.ଏନ.ଏ)**

ରାୟଗଡା ନ୍ୟୁ କଲୋନୀସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିବେକାନନ୍ଦଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏଥିରେ ରାୟଗଡା ଏବିଡିଓ ନୃସିଂହଚରଣ ପଟ୍ଟନାୟକ ମୁଖ୍ୟଅତିଥି, ଶିଳ୍ପପତି କେ.ଉମାଶଙ୍କର, ବିଦ୍ୟାଳୟର ପରାମର୍ଶଦାତା ଲକ୍ଷ୍ମୀକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଗୁଣପୁର ସହରର ବିଭିନ୍ନ ସ୍ଥାନରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି । ଜିଆଇଇଟି ବିଶ୍ୱବିଦ୍ୟାଳୟ ଏନଏସଏସ ୟୁନିଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ଡ.କେ.ସେନ୍ଥିଲ କୁମାର, ରେଜିଷ୍ଟ୍ରାର ଡ.ଏନ.ଭି.ଜେ.ରାଓ, ଡ.ତାରିଣୀଚରଣ ବେହେରା, ପ୍ରଫେସର ଗୋପାଳକୃଷ୍ଣ ମହାନ୍ତି, ଦେବାଶିଷ ପଟ୍ଟନାୟକ, ଦିଲୀପ ପଟ୍ଟନାୟକ, ରତନ ପାତ୍ର, ଡ.ପ୍ରେମାଂଶୁଶେଖର ରଥ, ତାପସ ଚୁଆଲସିଂ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଜଗନ୍ନାଥ ପବ୍ଲିକ ସ୍କୁଲ, ଥାୟାରାମ ମହିଳା ମହାବିଦ୍ୟାଳୟ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର,ଗୁଣପୁର କଲେଜ ହଷ୍ଟେଲ, ବ୍ରାହ୍ମଣସାହିରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି । ଏଥିରେ ବିବେକାନନ୍ଦ କନ୍ୟା କୁମାରୀ ଦକ୍ଷିଣ ଓଡିଶା ବିଭାଗ ସଂଗଠକ ସୁଶ୍ରୀ ନିଲାଖି ,ଗୁଣପୁର ଶାଖାର ପ୍ରମୁଖ ପ୍ରତିଭା ରଥ ଯୋଗଦେଇ ବିବେକାନନ୍ଦଙ୍କ ଉପରେ ମାର୍ଗ ଦର୍ଶନ କରିଥିଲେ। ରାଜେଶ ପୃଷ୍ଟି , ଆଶିଷ କୁମାର ସାହୁ, ପ୍ରବିଣ ରାଜୁ ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ଏବିଭିପି ପକ୍ଷରୁ ମଧ୍ୟ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ହୋଇଥିଲା । ଗୁଣପୁର କଲେଜଠାରେ ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିବାବେଳେ ଦୀପକ ଚୌଧୁରୀ, ଶ୍ରୀଧର ପାତ୍ର, ସନ୍ତୋଷ ଅଧିକାରୀ, ଦାଉଦ ମାଝି ଏବଂ ଅମିତ ଗନ୍ତାୟତ ସହଯୋଗ କରିଥିଲେ । ଶାନ୍ତିନିକେତନଠାରେ ରଜତ ମହାନ୍ତି, ସୋନାଲି ମହାନ୍ତି, କଳ୍ପନା ମାଦଳା , ଯୁକ୍ତ ୨ ମହିଳା କଲେଜରେ ଅଧ୍ୟକ୍ଷା ସୁଜାତା ଦାସ, ସସ୍ମିତା ବାଉରି, ସର୍ମିଳା ସାମନ୍ତରାୟ, ଇନ୍ଦ୍ରାକ୍ଷୀ ଦାସ, ବି.ସତିଶକୁମାର, ଯୁକ୍ତ ୩ ମହିଳା କଲେଜରେ ସରୋଜ ସିୟା, ସସ୍ମିତା ସାହୁ, ଉମା ଶଙ୍କର ଦାସ, ବଂଶଧାରା କଲେଜରେ ଲକ୍ଷ୍ମୀ ମହାଲ୍ଙ୍କୁଡ, ପୁଣ୍ୟଶ୍ଳୋକ ସାହୁ, ଏସ.ଶିବାଜୀ, ରାଜୀବ ସାହୁ ଯୋଗ ଦେଇଥିଲେ । ଯୁକ୍ତ ୩ ଡିଗ୍ରୀ କଲେଜରେ ଅଧ୍ୟକ୍ଷ କୃଷ୍ଣ ପଣ୍ଡା, ଶେଷସାଇ ସେନାପତି, ଉମ୍ପସରା ଯୁକ୍ତ ୨ କଲେଜରେ ଡ.ପ୍ରଶାନ୍ତ ହୋତା, ଭାସ୍କର ସାମନ୍ତରାୟ, ଅଧ୍ୟକ୍ଷ ବିଦ୍ୟାଧର ନାହାକ, ରାଜେଶ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ ।

